## ବିଦ୍ୟୁତ୍ ଖୁଣ୍ଟରେ ବରଯାତ୍ରୀ କାର୍ ଧକ୍କା

**ତିର୍ତ୍ତୋଲ (ଡି.ଏନ.ଏ.):** ତିର୍ତ୍ତୋଲ ଥାନା ମୂଳିସିଓ-ଗୋରଖନାଥ ରାସ୍ତାର ମୁଳିସିଂ ମଦ୍ରାସା ନିକଟରେ ସୋମବାର ବରଯାତ୍ରୀ ଦଳକୁ ନେଇ ଯାଉଥିବା ଏକ କାର ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟ ସହ ଧକ୍କା ହୋଇଛି। ଫଳରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି କାର ଉପରେ ପଡିଯାଇଥିଲା। ଦୁର୍ଘଟଣାରେ ଜଣେ ଆହତ ହୋଇଛନ୍ତି। ସେ ହେଲେ କଟକ ସେମିନାର ଛକସ୍ଥିତ ସଞ୍ଜୀବ ଦାସ। ତାଙ୍କୁ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗାଡ଼ିରେ ଥିବା ଅନ୍ୟଯାତ୍ରୀମାନେ ସୌଭାଗ୍ୟବଶତଃ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି।



## ସଂକ୍ଷେପରେ

### ଜବରଦଖଲରେ ଥିବା କ୍ଲବକୁ ସିଲ୍ କଲା ପ୍ରଶାସନ

**ବରୀ,୧୩।୧୨(ଡି.ଏନ.ଏ.):** ବରୀ ବ୍ଲକ ଅଧୀନ ବରୀ ପଞ୍ଚାୟତରେ ୨୦୦୦ରୁ ୨୦୧୯ ପର୍ଯ୍ୟନ୍ତ ଶାସକ ଦଳ କର୍ମୀମାନେ ଏକ କ୍ଲବ ଘରକୁ ଜବରଦଖଲ କରି ରଖିଥିବା ଅଭିଯୋଗ ହୋଇ ଆସୁଥିଲା। କ୍ଲବର ତଳ ମହଲାରେ ବରୀ ଯୁବକ ସଂଘ ଥିବା ବେଳେ ଉପର ମହଲାରେ ସରକାରୀ ଅର୍ଥ ବିନିଯୋଗ କରାଯାଇ ଦେବାଶିଷ ଭବନ ପ୍ରତିଷ୍ଠା ହୋଇଥିଲା। ଉକ୍ତ କ୍ଲବ୍ ବରୀ ମୌଜା ଖାତା ନଂ.୧୭୫୦ରକ୍ଷିତ ଓ ପ୍ଲଟ ନଂ.୧୫୧୨ ଉପରେ ନିର୍ମିତ ହୋଇଥିଲା। ଏ ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ ହେବା ପରେ ପ୍ରଶାସନ ବରୀ ରାଜସ୍ୱ ନିରୀକ୍ଷକ ଓ ବରୀ ଥାନାଧିକାରୀଙ୍କ ରିପୋର୍ଟକୁ ଆଧାର କରି ଉପଜିଲାପାଳଙ୍କ ପତ୍ର ସଂଖ୍ୟା ୧୩୩୩ ତା୧୦।୧୨।୨୦୨୧ ଅନୁସାରେ ସିଲ୍ କରି ନିଜ ଅଧୀନକୁ ନେଇଛି। ସିଲ୍ ସମୟରେ ବରୀ ତହସିଲଦାର ମାନସ ରଞ୍ଜନ ଭୋଇ,ବିଡିଓ ଶିବାନନ୍ଦ ସ୍ୱାଇଁ, ଥାନା ଅଧିକାରୀ କାବୁଲି ବାରିକ,ଅତିରିକ୍ତ ତହସିଲଦାର ଭାନୁମତି ମାଝି ପ୍ରମୁଖ ଉପସ୍ଥିତ ଥିଲେ।

### ଜାତୀୟ ଶିକ୍ଷାନୀତି କାର୍ଯ୍ୟଶାଳା

**ବାଲିଚନ୍ଦ୍ରପୁର,୧୩।୧୨(ସ୍ୱ.ପ୍ର.):** ଶିକ୍ଷା ବିକାଶ ସମିତି ଓଡ଼ିଶାର ମାର୍ଗଦର୍ଶନରେ ବଡ଼ଚଣା ଶିକ୍ଷାମଣ୍ଡଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାଲିଚନ୍ଦ୍ରପୁର ଓ ଛତିଆଠାରେ ସଙ୍କୁଳସ୍ତରୀୟ ଜାତୀୟ ଶିକ୍ଷାନୀତି କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି। ୧୧ ବିଦ୍ୟାଳୟକୁ ୨ ଭାଗରେ ବିଭକ୍ତ କରାଯାଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ୩ ଦିନ ବ୍ୟାପୀ ଅନୁଷ୍ଠିତ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ କର୍ମଶାଳାରେ ଉଦ୍‌ଘାଟକ ଭାବେ ସମ୍ପାଦକ ନାରାୟଣ ଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ସଙ୍କୁଳ ପ୍ରମୁଖ ସଂଗ୍ରାମ କିଶୋର ପରିଡ଼ା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ନିରଞ୍ଜନ ମହାନ୍ତି ଯୋଗଦେଇ ଶିକ୍ଷାନୀତି ସମ୍ପର୍କରେ ଆଲୋକପାତ କରିଥିଲେ।

### ବନ ଭାରତୀ ବିଦ୍ୟାଳୟ ଉଦ୍‌ଘାଟିତ

**କାଳିଆପାଣି,୧୩।୧୨(ଡି.ଏନ.ଏ.):** ବନ ଭାରତୀ ନୃତ୍ୟ, ସଙ୍ଗୀତ ବିଦ୍ୟାଳୟକୁ ଟାଟାଷ୍ଟିଲ ମାଇନିଂ କମ୍ପାନୀର ନିର୍ଦ୍ଦେଶକ ପଙ୍କଜ କୁମାର ସତିଜା ସୋମବାର ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଏମ୍ ସୁଶାନ୍ତ କୁମାର ମିଶ୍ର, ଏଜିଏମ୍ ଗୌତମ ଚକ୍ରବର୍ତ୍ତୀ, ମାଇନ୍ସ ମ୍ୟାନେଜର ସନ୍ତୋଷ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବନଭାରତୀ ସଙ୍ଗୀତ ବିଦ୍ୟାଳୟ ୧୯୮୦ରୁ ଚାଲିଆସୁଥିଲା। ଟାଟାଷ୍ଟିଲ ଲିଜ୍ ଶେଷ ହେବା ପରେ ଟାଟାଷ୍ଟିଲ ମାଇନିଂ ଲିଜ୍ ହାତେଇଛି। ୨ବର୍ଷରୁ ଉର୍ଦ୍ଧ୍ୱ ସମୟ ବନ୍ଦ ରହିଥିବା ଏହି ବିଦ୍ୟାଳୟ ପୁଣି ଖୋଲିଛି। ନୃତ୍ୟଗୁରୁ, ଗୀତ ମାଷ୍ଟର ଚୟନ ପ୍ରକ୍ରିୟା ଶେଷ ହୋଇଛି। ବିଧିବଦ୍ଧ ଭାବେ ଏବେ ପ୍ରତିଦିନ ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ରମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଫଳରେ ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳର ବହୁ ପ୍ରତିଭାବାନ୍ ସଙ୍ଗୀତକାର, ନୃତ୍ୟଶିଳ୍ପୀ ବାହାରିବେ ବୋଲି ମୁଖ୍ୟଅତିଥି ସତିଜା କହିଛନ୍ତି।

### ନୂତନ ଛାତ୍ରୀମାନଙ୍କୁ ସ୍ୱାଗତ

**ଧର୍ମଶାଳା,୧୩।୧୨(ଡି.ଏନ.ଏ.):** ଧର୍ମଶାଳା ମହିଳା ଡିଗ୍ରୀ ମହାବିଦ୍ୟାଳୟର ଶିକ୍ଷା ବିଭାଗ ଓ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଙ୍କୁ ମହାବିଦ୍ୟାଳୟରେ ସ୍ୱାଗତ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଇନ୍ଦୁପ୍ରଭା ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବିଭାଗୀୟ ମୁଖ୍ୟ ଡ. ରାଜ କିଶୋର ଜେନା ଓ ଅଧ୍ୟାପକ ସଚ୍ଚିଦାନନ୍ଦ ପ୍ରଧାନ ଯୋଗଦେଇ ନବାଗତ ଛାତ୍ରୀମାନଙ୍କୁ ସ୍ୱାଗତ କରିଥିଲେ। ଛାତ୍ରୀ ଇତିଶ୍ରୀ, ବର୍ଷା ଜେନା, ଦେବୀ ବିଶ୍ୱାସ,ଗଙ୍ଗୋତ୍ରୀ ପୃଷ୍ଟି, ବନ୍ଦିତା ଧଳ, ପୁଷ୍ପାଞ୍ଜଳି ମହାପାତ୍ର, ସନ୍ଧ୍ୟାରାଣୀ ଓ ସସ୍ମିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରାଜ୍ୟ ଟେନିସ୍ ବଲ କ୍ରିକେଟରେ କେନ୍ଦ୍ରାପଡ଼ାରୁ ୩ଜଣ

**କେନ୍ଦ୍ରାପଡ଼ା ଅଫିସ,୧୩।୧୨:** ଟେନିସ ବଲ କ୍ରିକେଟ୍‌ରେ କେନ୍ଦ୍ରାପଡ଼ା ଜିଲା ପ୍ରତିଭାଙ୍କୁ ସଫଳତା ମିଳିଛି। ଆସନ୍ତା ଜାତୀୟସ୍ତରର ସବ ଜୁନିୟର ଚମ୍ପିୟାନସିପ ପାଇଁ ରାଜ୍ୟ ଆସୋସିଏଶନ ପକ୍ଷରୁ ୩ ଜଣଙ୍କୁ ଚୟନ କରାଯାଇଛି। ସେମାନେ ହେଲେ ସୁଜନ ମହାପାତ୍ର, ନିହାର ରଞ୍ଜନ ପତ୍ରୀ ଓ ତୁଷାରକାନ୍ତ ଦାସ। ଏହି ଖେଳାଳି ଲକ୍ଷ୍ନୌର ବାରବାଙ୍କିଠାରେ ୨୦୨୧-୨୨ର ଜାତୀୟସ୍ତର ଚମ୍ପିୟାନସିପ ପାଇଁ ୧୪ ଜଣିଆ ଟିମ୍‌ରେ ସାମିଲ ହୋଇଛନ୍ତି। ଏହି ଖେଳ ଆସନ୍ତା ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଜିଲା ଟେନିସ୍ ବଲ କ୍ରିକେଟ ଆସୋସିଏଶନ ପକ୍ଷରୁ ଖେଳାଳିଙ୍କୁ ଏକ ହୋଟେଲରେ ଶୁଭେଚ୍ଛା ଜଣାଇଥିଲେ। ସଭାପତି ଭଗବାନ ବିଶ୍ୱାଳ, ସମ୍ପାଦକ ଜ୍ୟୋତିର୍ମୟ ଦାସଙ୍କ ସମେତ ଆସୋସିଏଶନର କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ।

# ଆଇଆଇଟି ହାଇଦ୍ରାବାଦ ରିପୋର୍ଟରେ ଅନିୟମିତତା

- ଶଶୀଧରଙ୍କ ପଦବୀ ଉପରେ ଉଠିଲା ପ୍ରଶ୍ନ
- ଖରସ୍ରୋତା ନଦୀରୁ ଭଦ୍ରକକୁ ପାଣି ଦେବା ବିବାଦ
- ଆଇନର ସହଯୋଗ ଲୋଡିବେ ଆରଟିଆଇ କର୍ମୀ

**କେନ୍ଦ୍ରାପଡ଼ା ଅଫିସ, ୧୩।୧୨**

ଖରସ୍ରୋତା ନଦୀରୁ ଭଦ୍ରକ ଜିଲାକୁ ପାଣି ଦେବା ବିବାଦ ଏବେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ବାଟ ଖୋଲିଛି। ଏ ନେଇ ପୂର୍ବରୁ ହାଇକୋର୍ଟ ଓ ଏନ୍‌ଜିଟିରେ ମାମଲା ରୁଜୁ ହୋଇଥିବା ବେଳେ ଏହି ପ୍ରକଳ୍ପ ରିପୋର୍ଟର ବୈଧତାକୁ ନେଇ ପ୍ରଶ୍ନ ଉଠିଛି। ଆରଟିଆଇରେ ମିଳିଥିବା ଆଇଆଇଟି ହାଇଦ୍ରାବାଦ ଅନୁଷ୍ଠାନ ତଥ୍ୟକୁ ନେଇ ସୂଚନା ଅଧିକାର କର୍ମୀ ତାଳସଙ୍ଗା ଗାଁର ପ୍ରତାପ ଚନ୍ଦ୍ର ମହାନ୍ତି ପ୍ରକଳ୍ପର ବୈଧତା ନେଇ ପ୍ରଶ୍ନ ଉଠାଇଛନ୍ତି। ପ୍ରକଳ୍ପର ପରିବେଶ ଓ ସାମାଜିକ ଅନୁଧ୍ୟାନ ରିପୋର୍ଟର ପ୍ରସ୍ତୁତ କର୍ତ୍ତା ଆଇଆଇଟି ହାଇଦ୍ରାବାଦର ପ୍ରଫେସର ଡ. ଶଶୀଧର ସିଭିଲ ଇଞ୍ଜିନିୟରିଂରେ ଥିବା ବେଳେ ବିଭାଗୀୟ ମୁଖ୍ୟ ଭାବେ ପ୍ରକଳ୍ପ ରିପୋର୍ଟରେ ଉଲ୍ଲେଖ ଅଛି। ସେହିପରି ଜଣେ ସିଭିଲ ଇଞ୍ଜିନିୟର ଦେଇଥିବା ପରିବେଶ ଓ ସାମାଜିକ ଅନୁଧ୍ୟାନ ରିପୋର୍ଟକୁ କେଉଁ କାରଣ ଯୋଗୁ ରାଜ୍ୟ ସରକାର ଗ୍ରହଣ କରି ସରକାରୀ ଅନୁଦାନ ଖର୍ଚ୍ଚ କଲେ ବୋଲି ପ୍ରତାପ କହିଛନ୍ତି।

ଭଦ୍ରକ ଜିଲାର ୪ ବ୍ଲକ ଓ ୩ ଏନ୍‌ଏସି ଅଞ୍ଚଳବାସୀଙ୍କୁ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବସୁଧା ଯୋଜନାରେ ଚାନ୍ଦବାଲି ବ୍ଲକ ନୂଆହାଟଠାରେ ମେଗା ପ୍ରକଳ୍ପ ନିର୍ମାଣାଧୀନ ଅଛି। ଏହି ପ୍ରକଳ୍ପ ପାଇଁ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହା ନିକଟସ୍ଥ ଖରସ୍ରୋତା ନଦୀରୁ ଜଳ ଉଠାଯିବ। ଏଥିପାଇଁ ବରୁଣାଡିହା ନିକଟରେ ଇନ୍‌ଟେକ ୱେଲ ନିର୍ମାଣ ହେଉଛି। ପ୍ରକଳ୍ପର ଦୁଇ ସ୍ଥାନ ବରୁଣାଡିହା ଓ ନୂଆହାଟ ଭିତରକନିକା ଇକୋ ସେନ୍ସିଟିଭ ଜୋନ ଅଞ୍ଚଳରେ ଥିବାରୁ ଏହାର ପରିବେଶ ଓ ସାମାଜିକ ଅନୁଧ୍ୟାନ ରିପୋର୍ଟ ଆବଶ୍ୟକ। ଏହି ରିପୋର୍ଟ ଆଇଆଇଟି ହାଇଦ୍ରାବାଦର ପ୍ରଫେସର ଡ. ଶଶୀଧର ପ୍ରସ୍ତୁତ କରିଛନ୍ତି। ଡ. ଶଶୀଧରଙ୍କ ପଦବୀ ଓ ଅଧିକାର ସମ୍ପର୍କରେ ଜାଣିବାକୁ ଓଡ଼ିଶା ସୂଚନା ଆଇନ ଅଧିକାର ଅଭିଯାନ (ଓସା)ର କେନ୍ଦ୍ରାପଡ଼ା ଜିଲା ଆବାହକ ନଭେମ୍ବର ୧୧ରେ ଆଇଆଇଟି ହାଇଦ୍ରାବାଦ ଅନୁଷ୍ଠାନକୁ ସୂଚନା ଆଇନ ଅଧିକାର ବଳରେ ତଥ୍ୟ ମାଗିଥିଲେ। ଏ ସମ୍ପର୍କରେ ପ୍ରତାପ କୁହନ୍ତି, ଏହି ପ୍ରକଳ୍ପର ବୈଧତା ଉପରେ ବହୁ ପ୍ରଶ୍ନ ସୃଷ୍ଟି ହୋଇ ସାରିଲାଣି। ପ୍ରକଳ୍ପର ଇନ୍‌ଟେକ ୱେଲ ବ୍ୟକ୍ତିଗତ ସ୍ଥାନରେ ନିର୍ମାଣ ହେଉଛି। ପାଣି ଉଠା ତଥ୍ୟ ଏବେ ପ୍ରଶ୍ନବାଚୀରେ ଅଛି। ଏପରିସ୍ଥିତିରେ ପରିବେଶ ଓ ସାମାଜିକ ରିପୋର୍ଟ ଉପରେ ପ୍ରଶ୍ନ ଉଠିଛି। ସୋମବାର ମିଳିଥିବା ସୂଚନାରେ ଅନୁଷ୍ଠାନର ଡେପୁଟି ରେଜିଷ୍ଟ୍ରର ତଥା ପିଆଇଓ ସୟଦ ଅଲ୍ଲୀ ସାବିର ସିଭିଲ ଇଞ୍ଜିନିଅରିଂ ବିଭାଗର ପ୍ରଫେସର ଡ. ଶଶୀଧରଙ୍କ ପଦବୀ ସମ୍ପର୍କରେ କୌଣସି ସ୍ପଷ୍ଟ ଉତ୍ତର ରଖିନାହାନ୍ତି। ତେବେ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଦର୍ଶାଉଥିବା ରିପୋର୍ଟରେ ଏହି ପ୍ରଫେସର ବିଭାଗୀୟ ମୁଖ୍ୟ ଭାବେ ସିଲ ମରାଯାଇଛି। ଦ୍ୱିତୀୟରେ ପ୍ରଫେସର ଡ. ଶଶୀଧର ଜଣେ ସିଭିଲ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବା ବେଳେ ପରିବେଶ ପ୍ରଭାବ ସମ୍ପର୍କରେ ଆକଳନ କରିବା ସମ୍ଭବ ନୁହେଁ। ଅବଶ୍ୟ ଏ ନେଇ ପୂର୍ବରୁ ମିଳିଥିବା ତଥ୍ୟ ଓ ରାଜକନିକାର ରାକେଶ ମହାନ୍ତିଙ୍କୁ ଦେଇଥିବା ମେଲରେ ପରିବେଶ ଅନୁଧ୍ୟାନ ନିଜେ କିମ୍ବା ଅନ୍ୟ କାହା ଦ୍ୱାରା ଅନୁଧ୍ୟାନ ନ କରି ୱେବରୁ ମିଳିଥିବା ସୂଚନାକୁ ଭିତ୍ତି କରି ରିପୋର୍ଟ ପ୍ରସ୍ତୁତ କରିଥିବା ଡ. ଶଶୀଧର ଜଣାଇଛନ୍ତି। ଏହି ପ୍ରକଳ୍ପ ନିର୍ମାଣ ହେଲେ ସ୍ଥାନୀୟ ଅଞ୍ଚଳର ଜୀବନ ଜୀବିକା ସହ ଭିତରକନିକା ଜୈବ ବିବିଧତା ନଷ୍ଟ ହେବ ଦର୍ଶାଇ ଗତ ଦୁଇବର୍ଷ ହେବ ସ୍ଥାନୀୟ ଅଞ୍ଚଳରେ ଆନ୍ଦୋଳନ ଚାଲିଛି। ଏହାବ୍ୟତୀତ ଇକୋ ସେନ୍ସିଟିଭ ଜୋନ ସଦସ୍ୟ ଶ୍ରୀକାନ୍ତ ନାୟକ ପ୍ରକଳ୍ପ ବିରୋଧରେ ଦୀର୍ଘ ୨୨ ଦିନ ଧରି ଅନଶନ କରିଛନ୍ତି। ସେହିପରି ଏହାକୁ ବିରୋଧ କରି ଅଧ୍ୟାପକ କ୍ଷୀତିଶ କୁମାର ସିଂହ, ସାମାଜିକ କର୍ମୀ ସଞ୍ଜୟ କୁମାର ବେହୁରା, ସୁକାନ୍ତ କୁମାର ଦାସ ଏନ୍‌ଜିଟି ଓ ହାଇକୋର୍ଟ ମାମଲା କରିଛନ୍ତି। ପ୍ରକଳ୍ପ ପାଇଁ ସୁପାରିଶ କରିଥିବା ରାଜ୍ୟ ସରକାରଙ୍କ ଜଳ ଯୋଗାଣ ବିଭାଗ ସହିତ ରିପୋର୍ଟ ପ୍ରସ୍ତୁତ କର୍ତ୍ତା ପ୍ରଫେସର ଡ. ଶଶୀଧରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତି ଚଳାଇଥିବା ପ୍ରତାପ କହିଛନ୍ତି।

## ହାବିଲଦାରଙ୍କ ରହସ୍ୟଜନକ ମୃତ୍ୟୁ

**କେନ୍ଦ୍ରାପଡା ଅଫିସ, ୧୩।୧୨**

କେନ୍ଦ୍ରାପଡ଼ା ଜିଲା ପୋଲିସର କାର୍ଯ୍ୟରତ ହାବିଲଦାର ସାମୁରା ଲାକ୍ରା (୫୨)ଙ୍କର ରବିବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଛି। ତାଙ୍କ ମୃତଦେହକୁ ସହରର ଏକ ହୋଟେଲ ପରିସରରୁ ଉଦ୍ଧାର କରାଯାଇଛି। ମୃତ ହାବିଲଦାରଙ୍କ ଘର ରାଉରକେଲା। ସେ ଦୀର୍ଘଦିନ ଧରି ଜିଲା ରିଜର୍ଭ ପୋଲିସରେ କାର୍ଯ୍ୟ କରୁଥିଲେ। ଟାଉନ ଥାନା ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା କରିବା ସହ ତଦନ୍ତ ଆରମ୍ଭ କରିଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ କରାଇବା ସହ ପରିବାର ଲୋକଙ୍କ ନିକଟକୁ ସୋମବାର ପଠାଯାଇଛି। ପୋଲିସର ସୂଚନା ଅନୁଯାୟୀ, ରବିବାର ରାତିରେ ସହରର ଏକ ହୋଟେଲକୁ ବିବାହ ଭୋଜିରେ ଯୋଗଦେବା ପାଇଁ ସେ ଯାଇଥିଲେ। ପ୍ରାୟ ରାତି ଗୋଟାଏରେ ଅସାବଧାନତା ଯୋଗୁ ହୋଟେଲ ଛାତରୁ ତଳକୁ ଗଳି ପଡିଥିଲେ ବୋଲି ପ୍ରାଥମିକ ରିପୋର୍ଟ ମିଳିଛି। ମାମଲାଟି ତଦନ୍ତାଧୀନ ଥିବାରୁ ସବିଶେଷ ତଥ୍ୟ ଅଦ୍ୟାବଧି ମିଳି ନ ଥିବା ଟାଉନ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଏହି ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଚନା ଆରମ୍ଭ ହୋଇଛି। ଆଲୋଚନା ଅନୁଯାୟୀ ହାବିଲଦାର ଲାକ୍ରା ଯଦି ବିବାହ ଭୋଜିରେ ସାମିଲ ହୋଇଥିଲେ, ତେବେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏଠାରେ କି କାର୍ଯ୍ୟ କରୁଥିଲେ। କେଉଁ ପରିସ୍ଥିତିରେ ସେ ଛାତ ଉପରକୁ ଯିବା ସହ ତଳକୁ ଖସି ପଡିଲେ। ପରିବାର ଲୋକଙ୍କ ଅଭିଯୋଗ ପର୍ଯ୍ୟନ୍ତ ଅପେକ୍ଷା ନ କରି ତୁରନ୍ତ ଲାକ୍ରାଙ୍କ ଘରକୁ ମୃତଦେହ ପଠାଇବା ଉଦ୍ଦେଶ୍ୟ ଆଦିକୁ ନେଇ ଆଲୋଚନା ହେଉଛି। ଏହି ରହସ୍ୟଜନକ ମୃତ୍ୟୁ ମାମଲାକୁ ଜିଲା ପୋଲିସ କେଉଁ ଦିଗକୁ ନେବ, ତାହାକୁ ନେଇ ଆଲୋଚନା ଜାରି ରହିଛି।

# ଜୱାଦରେ ୨୪,୫୭୯ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ

**ଯାଜପୁର ଅଫିସ, ୧୩।୧୨**

ଗତ ୬ ମାସ ମଧ୍ୟରେ ଯାଜପୁର ଜିଲାରେ ବାତ୍ୟା ୟାସ ଓ ଜୱାଦ ସହ ଅଦିନିଆ ବର୍ଷା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଚଳିତ ମାସ ପ୍ରଥମ ସପ୍ତାହରେ ଜୱାଦ ବାତ୍ୟା ଓ ବର୍ଷା ପ୍ରଭାବରେ ଧାନ ସହ ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି। ଏବେ ବି ବିଲରେ ପାଣି ଜମି ରହିଛି। ଏ ସଂକ୍ରାନ୍ତରେ ସବିଶେଷ ଅନୁଧ୍ୟାନ କରି ସରକାରଙ୍କୁ ରିପୋର୍ଟ ଦିଆଯିବ ବୋଲି କେନ୍ଦ୍ରୀୟ ପ୍ରତିନିଧି ଦଳର ୨ ସଦସ୍ୟ ଡା. ମାନସ କୁମାର ସିହ୍ନା ଓ ଶାଶ୍ୱତ କୁମାର ମହାପାତ୍ର ସୂଚନା ଦେଇଛନ୍ତି।

ସୋମବାର ପୂର୍ବାହ୍ନରେ କେନ୍ଦ୍ରୀୟ ପ୍ରତିନିଧି ଦଳ ଯାଜପୁରରେ ପହଞ୍ଚିଥିଲେ। ସର୍କିଟ ହାଉସ୍‌ଠାରେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ସେମାନଙ୍କୁ କ୍ଷତିଗ୍ରସ୍ତ ଅଞ୍ଚଳ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାପରେ ସେମାନେ ଦଶରଥପୁର ବ୍ଲକ ଅକରପଡ଼ା ଓ ରାହାସୋଇ ଅଞ୍ଚଳ ପରିଦର୍ଶନ କରିଥିଲେ। ସେମାନେ ଚାଷୀମାନଙ୍କ ସହିତ କଥା ହେବା ସହ ଗଜା ଏବଂ ଓଦା ହୋଇଥିବା ଧାନ ଫସଲକୁ ଦେଖିଥିଲେ। ଏହି ଅବସରରେ ସେମାନେ ବର୍ଷା ଦ୍ୱାରା ଚାଷ ଓ ଚାଷୀ ଅନେକ କ୍ଷତ୍ରଗ୍ରସ୍ତ ହୋଇଥିବା କହିଥିଲେ। ଚାଷୀମାନେ ସେମାନଙ୍କର କ୍ଷତିଗ୍ରସ୍ତ ଫସଲକୁ ଦେଖାଇ କ୍ଷତିପୂରଣ ପାଇଁ ଅନୁରୋଧ କରିଥିଲେ।

ସୂଚନାଯୋଗ୍ୟ ଯେ, ଜିଲାରେ ସାଧାରଣତଃ ଡିସେମ୍ବରରେ ୩.୯ ମି.ମି.



କେନ୍ଦ୍ରୀୟ ଟିମକୁ ଚାଷୀମାନେ ଫସଲ କ୍ଷୟକ୍ଷତି ଦେଖାଉଛନ୍ତି।

**ନିରୀକ୍ଷଣ କଲେ କେନ୍ଦ୍ରୀୟ ପ୍ରତିନିଧି ଦଳ**

ବର୍ଷା ଭାବେ ହୋଇଥାଏ। କିନ୍ତୁ ୨୦୧୭ରେ ୧୫.୭୧ ମି.ମି., ୨୦୧୯ରେ ୧.୯ ମିମି ଓ ୨୦୨୧ ରେ ୫୦.୪୫ ମିମି ବର୍ଷା ରେକର୍ଡ ହୋଇଛି। ଅପରପକ୍ଷରେ ଜିଲାରେ ଚଳିତ ଖରିଫରେ ୯୧,୨୩୪ ହେକ୍ଟର ଜମିରେ ଧାନ ଓ ୩୧,୭୭୬ ହେକ୍ଟରରେ ଅଣଧାନ ଚାଷ (ମୋଟ ୧,୨୩,୦୧୦ ହେକ୍ଟର) କରାଯାଇଥିଲା। ଜୱାଦ ପ୍ରଭାବରେ ୨୪,୫୭୯ ହେକ୍ଟରରୁ ଉର୍ଦ୍ଧ୍ୱ (୩୩%) ଚାଷଜମି କ୍ଷତିଗ୍ରସ୍ତ ହୋଇଥିବା କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଗତ ମେ ମାସ ଶେଷ ସପ୍ତାହରେ ବାତ୍ୟା ୟାସ୍ ଯୋଗୁ ବୈତରଣୀ ନଦୀବନ୍ଧର ତଳମୁଣ୍ଡ କଣ୍ଟପଧା, ପଲ୍ଲୀସାହି ଓ ନିଉବାଙ୍କ କାମଦେବମହରାଠାରେ ୩ଟି ଘାଇ ସୃଷ୍ଟି ହୋଇଥିଲା। ଏହା ଅଞ୍ଚଳବାସୀଙ୍କ ଜୀବନଜୀବିକାକୁ ପ୍ରଭାବିତ କରିଥିଲା। ଏହି ୩ ଘାଇ ଯୋଗୁ ୪ ବ୍ଲକର ୧୦୧ ଗ୍ରାମର ୨୫,୦୩୩ ଲୋକ ପ୍ରଭାବିତ ହୋଇଥିଲାବେଳେ ୭୬ ଗ୍ରାମର ୧୩,୭୦୫ ଜଣ ଲୋକ ଜଳବନ୍ଦୀ ହୋଇଥିଲେ। କେନ୍ଦ୍ରୀୟଦଳର ପରିଦର୍ଶନ ସମୟରେ ରାଜ୍ୟ ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା, କୃଷି ବିଭାଗ ସହକାରୀ ନିର୍ଦ୍ଦେଶକ ବ୍ରଜ କିଶୋର ଲେଙ୍କା, ଅତିରିକ୍ତ ଜିଲାପାଳ (ପ୍ରଶାସନ) ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ଶରତଚନ୍ଦ୍ର ମହାପାତ୍ର, ଉଦ୍ୟାନ କୃଷିର ସହକାରୀ ନିର୍ଦ୍ଦେଶକ ସୂର୍ଯ୍ୟମଣି ମହାରଣା, ଜଳଛାୟାର ପ୍ରକଳ୍ପ ନିର୍ଦ୍ଦେଶକ ନାରାୟଣ ପାତ୍ର, ଦଶରଥପୁର ଅତିରିକ୍ତ ତହସିଲଦାର ଠାକୁର ଦାସ ପ୍ରମୁଖ ସାମିଲ ହୋଇଥିଲେ।

# ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ୍, ଜରିମାନା

**ଚଣ୍ଡିଖୋଲ,୧୩।୧୨(ଡି.ଏନ.ଏ.)**

**ବନକର୍ମଚାରୀଙ୍କୁ ଆକ୍ରମଣ ମାମଲା**

ଓଳାଶୁଣୀ ପାହାଡ଼ରୁ ଗଛ ଚୋରି ଓ ବନ କର୍ମଚାରୀଙ୍କୁ ଆକ୍ରମଣ କରିବା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଚଣ୍ଡିଖୋଲ ସହକାରୀ ଦୌରା ଜଜ୍ ବିଷ୍ଣୁ ପ୍ରସାଦ ମିଶ୍ର ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରି ୫ ବର୍ଷର ସଶ୍ରମ କାରାଦଣ୍ଡ ସହିତ ୫୦ ହଜାର ଟଙ୍କା ଜୋରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜୋରିମାନା ଅନାଦେୟ ଆଉ ୧ବର୍ଷ ସଶ୍ରମ କାରାଦଣ୍ଡ ରାୟ ଶୁଣାଇଛନ୍ତି। ୨୦୧୯ ସେପ୍ଟେମ୍ବର ୯ରେ ଓଳାଶୁଣି ପାହାଡ଼ରେ ଜଙ୍ଗଲ ବିଭାଗ ପକ୍ଷରୁ ଲଗାଯାଇଥିବା ଗଛକୁ ବାଲିଚନ୍ଦ୍ରପୁର ଥାନା ଅଧୀନ ପଲେଇ ଗ୍ରାମର ସୌମ୍ୟରଞ୍ଜନ ନାୟକ ଓରଫ ବାପୁଜୀ ନିୟମିତ ଭାବେ କାଟି ଲୁଟ୍ କରୁଥିଲେ। ଏହାକୁ ବନ କର୍ମଚାରୀ ପ୍ରଶାନ୍ତ କୁମାର ସିଂହ ବିରୋଧ କରିଥିଲେ। କିନ୍ତୁ ସୌମ୍ୟରଞ୍ଜନ ତାଙ୍କୁ ଏକ କଟୁରୀରେ ଆକ୍ରମଣ କରିବାରୁ ତାଙ୍କର ଗୋଟିଏ ଆଙ୍ଗୁଠି ହାତରୁ କଟି ଅଲଗା ହୋଇଯାଇଥିଲା। ଏହାପରେ ବି ସୌମ୍ୟରଞ୍ଜନ ତାଙ୍କୁ ଜୀବନରେ ମାରିଦେବା ପାଇଁ ଗୋଡ଼ାଇଥିଲେ। ଏ ସଂକ୍ରାନ୍ତରେ ଅଭିଯୋଗ ପରେ ବାଲିଚନ୍ଦ୍ରପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାକୁ ସରକାରୀ ଓକିଲ ଦେବରାଜ ବେହେରା ପରିଚାଳନା କରୁଥିଲେ।

## ଆଜି ବିଏସ୍‌କେୱାଇ ସ୍ମାର୍ଟ କାର୍ଡ ବଣ୍ଟନର ଶୁଭାରମ୍ଭ

**ଜଗତସିଂହପୁର ଅଫିସ, ୧୩।୧୨**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଜଗତ୍‌ସିଂହପୁର ଜିଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ନୂଆ ସ୍ମାର୍ଟକାର୍ଡବଣ୍ଟନର ଶୁଭାରମ୍ଭ କରିବେ। ଏଥିସହ ୧୪୮ ପ୍ରକଳ୍ପର ଉଦ୍‌ଘାଟନ ଓ ୨୧୪ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଜିଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆରେ ଆଭାସୀ ମାଧ୍ୟମରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ବିଶେଷକରି ଜିଲାର ରଘୁନାଥପୁର, ତିର୍ତ୍ତୋଲ, କୁଜଙ୍ଗ ଓ ଏରସମା ବ୍ଲକ ଅଞ୍ଚଳର ୫୪୪ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ୪୭୮.୩୮ କୋଟି ଟଙ୍କା ବ୍ୟୟରେ ମେଗା ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଜଗତ୍‌ସିଂହପୁର ଜିଲା ପାଇଁ ବିଏସ୍‌କେୱାଇରେ ୪୫ଟି ସରକାରୀ ଓ ୯ଟି ବେସରକାରୀ ଚିକିତ୍ସାଳୟ ପଞ୍ଜୀକୃତ ହୋଇଛି। ତେବେ ସ୍ମାର୍ଟ କାର୍ଡ ବଣ୍ଟନ ହେଲେ ଜିଲାର ୨,୩୮,୬୧୪ ପରିବାରର ୮,୭୭,୦୬୯ ହିତାଧିକାରୀ ଉପକୃତ ହେବେ। ଏହି କାର୍ଡ ଜରିଆରେ ହିତାଧିକାରୀଙ୍କ ପରିବାରର ସବୁସଦସ୍ୟଙ୍କ ପାଇଁ ବର୍ଷକୁ ୫ ଲକ୍ଷ ଓ ମହିଳାଙ୍କ ପାଇଁ ବର୍ଷକୁ ୧୦ ଲକ୍ଷ ଟଙ୍କାର ଚିକିତ୍ସା ସେବା ଯୋଗାଇଦିଆଯିବ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

# ୧୩୨ ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ନିଯୁକ୍ତି



ନିଯୁକ୍ତି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଆଶାୟୀମାନେ।

**ଜଗତସିଂହପୁର ଅଫିସ, ୧୩।୧୨**

**ପ୍ରଥମ ଦିନ କାଉନସେଲିଂ ଶେଷ**

ଜଗତ୍‌ସିଂହପୁର ଜିଲାରେ ୧୩୪ଟି (ପିସିଏମ୍ ୨୮, ସିବିଜେଡ୍ ୩୬ ଓ କଳାରେ ୭୦) ଚୁକ୍ତିଭିତ୍ତିକ (କଣ୍ଟ୍ରାକ୍ଟୁଆଲ୍) ଶିକ୍ଷକ ନିଯୁକ୍ତି ପାଇଁ ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ପରିସରରେ ସୋମବାର କାଉନ୍‌ସେଲିଂ ହୋଇଥିଲା। ସେଥିରୁ ୧୩୨ଟି ପଦବୀ ପୂରଣ ପାଇଁ କାଉନସେଲିଂ ହୋଇଛି। ମଙ୍ଗଳବାର ୯୬ଟି କଳା ପଦବୀ ପୂରଣ ପାଇଁ କାଉନସେଲିଂ ହେବ। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା କହିଛନ୍ତି, ୫-ଟି ଯୋଜନାରେ ଉଚ୍ଚବିଦ୍ୟାଳୟର ପଦବୀ ପୂରଣ ପାଇଁ ଅଗ୍ରାଧିକାର ଦିଆଯାଇଛି। ଯେଉଁମାନେ କାଉନସେଲିଂରେ ଭାଗନେଇନାହାନ୍ତି ସେମାନଙ୍କୁ ଆଉ ସୁଯୋଗ ମିଳିବ ନାହିଁ। ଜିଲାରେ ୫୦୦ରୁ ଅଧିକ ପଦବୀ ଖାଲିରହିଛି। ପ୍ରଥମ ପର୍ଯ୍ୟାୟରେ ୨୩୦ ପଦବୀପୂରଣ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ପ୍ରଥମ ଦିନରେ ୨ ଜଣ ଅନୁପସ୍ଥିତ ଥିବାବେଳେ ୨ୟ ଦିନରେ ଏହି ସଂଖ୍ୟା ଦେଖିବା ପରେ କେତେଜଣ ନିଯୁକ୍ତି ପାଇବେ ତାହା ସ୍ପଷ୍ଟ ହେବ ବୋଲି ବେହେରା କହିଛନ୍ତି। ଯେଉଁ ନବନିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ରାଜିନାମା କରିବେ ସେମାନେ ଆସନ୍ତା ୧୬ରେ କଳିଙ୍ଗ ଷ୍ଟାଡିୟମରେ ହେବାକୁ ଥିବା ଓରିଏଣ୍ଟେସନ୍ କାର୍ଯ୍ୟକ୍ରମରେ ଭାଗନେବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ସେମାନଙ୍କୁ ବାର୍ତ୍ତା ଦେବାର କାର୍ଯ୍ୟକ୍ରମ ରହିଛି।

# ବିଶ୍ରାମ କକ୍ଷ, ଜେଟୀ ପୁନରୁଦ୍ଧାରରେ ୯୭ ଲକ୍ଷ ଖର୍ଚ୍ଚ ହେବ

**ରାଜନଗର, ୧୩।୧୨ (ଡି.ଏନ.ଏ.)**

**ଭିତରକନିକା ବିଟ୍ ବାର୍ଷିକ ସାଧାରଣ ବୈଠକ**

ଭିତରକନିକା ଇକୋ ଡେଭଲପମେଣ୍ଟ ଓ ଇକୋ ଟୁରିଜିମ ସୋସାଇଟି (ବିଟ୍)ର ବାର୍ଷିକ ସାଧାରଣ ବୈଠକ ରାଜନଗର ବନଖଣ୍ଡ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ସୋମବାର ହୋଇଯାଇଛି। ରାଜନଗର ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତି ଏଥିରେ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ବର୍ଷଠାରୁ ଭିତରକନିକା ଜାତୀୟ ଉଦ୍ୟାନକୁ ଦେଶ ବିଦେଶର ଆସୁଥିବା ପର୍ଯ୍ୟଟକଙ୍କ ଭ୍ରମଣକୁ ଅଧିକ ଆକର୍ଷଣୀୟ କରାଯିବ। ବିଟ୍‌ର ୧ କୋଟି ୨୮ ଲକ୍ଷ ଟଙ୍କା ମଧ୍ୟରୁ ଆସନ୍ତା ବର୍ଷ ୯୭ ଲକ୍ଷ ୫୨ହଜାର ଟଙ୍କାକୁ ବିନିଯୋଗ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି ଅର୍ଥରେ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ବିଭିନ୍ନ ବିଶ୍ରାମ କକ୍ଷ, ଗୁପ୍ତି ଘାଟ, ଖୋଲା ଘାଟ ଓ ହବାଲିଖିଟିର ଜେଠୀଗୁଡିକୁ ପୁନରୁଦ୍ଧାର କ୍ଷେତ୍ରରେ ବିନିଯୋଗ କରାଯିବ। ଏଥିରେ ଆରସିସିଏଫ୍ ମନୋଜ କୁମାର ମହାପାତ୍ର ଭର୍ଚୁଆଲ ମୋଡରେ ଉପସ୍ଥିତ ରହିଥିଲେ। ଘରୋଇ ବୋଟ ସଂଘର ସଭାପତି ବ୍ରହ୍ମାନନ୍ଦ ଗାଇନି ଯୋଗଦେଇ ପେଣ୍ଠଠାରେ ଇକୋ ଟ୍ରିଟ୍‌କୁ ଆସୁଥିବା ପର୍ଯ୍ୟଟକ ପରିଭ୍ରମଣ ସମୟରେ ସିଧା ସଳଖ ଭିତରକନିକା ଜାତୀୟ ଉଦ୍ୟାନକୁ ନ ଯାଇ ଗୁପ୍ତି ଘାଟ ଦେଇ ନୌବିହାର ବ୍ୟବସ୍ଥା କରାଗଲେ ବୋଟ ମାଲିକ ଓ କର୍ମଚାରୀଙ୍କ ଦୀର୍ଘଦିନର କ୍ଷତି ଭରଣା କରାଯାଇ ପାରିବ ବୋଲି କହିଥିଲେ। ଏଥିରେ ଅତିରିକ୍ତ ବନ ସଂରକ୍ଷକ ବିରଞ୍ଚି ନାରାୟଣ ସାମଲ, ତହସିଲଦାର ଭୋଳାନାଥ ସେଠୀ, କନିକା ରେଞ୍ଜ ଅଫିସର ମାନସ କୁମାର ଦାସ, ଇକୋ କ୍ଲବର ସଂଯୋଜକ ଗୋପୀନାଥ ଦାସ, ଇଡିସି ମେମ୍ବର ଖଗେଶ୍ୱର ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ।

## ‘ମୋ ସେବା କେନ୍ଦ୍ର’ ଲୋକାର୍ପିତ

**ରସୁଲପୁର,୧୩।୧୨(ଡି.ଏନ.ଏ.)**

ରସୁଲପୁର ବ୍ଲକ ବାରବାଟୀ ବଜାରରେ ଶ୍ରମିକମାନଙ୍କ ପାଇଁ ‘ମୋ ସେବା କେନ୍ଦ୍ର’ଲୋକାର୍ପିତ ହୋଇଛି। ଏହି କେନ୍ଦ୍ରକୁ ରାଜ୍ୟସଭା ସଦସ୍ୟ ତଥା ଓଡ଼ିଶା ବିଜୁ ଶ୍ରମିକ ସାମ୍ମୁଖ୍ୟର ମହାସଚିବ ସୁବାସ ସିଂ ଉଦ୍‌ଘାଟନ କରିଛନ୍ତି। ଯାଜପୁର ଜିଲାରେ କାର୍ଯ୍ୟରତ ଶ୍ରମିକମାନଙ୍କ ସ୍ୱାର୍ଥ ଓ ସମସ୍ୟାକୁ ସମାଧାନ କରିବା ଦିଗରେ ଏହି ସେବାକେନ୍ଦ୍ର କାମ କରିବ ବୋଲି ସେ କହିଛନ୍ତି। ନେତାଜୀ ଶ୍ରମିକ ସଙ୍ଗଠନର ପ୍ରତିଷ୍ଠାତା ପ୍ରଦୀପ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ସିଂ କହିଲେ, ଶ୍ରମିକମାନଙ୍କ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ଖବରକାଗଜ ବିତରକଙ୍କଠାରୁ ଆରମ୍ଭ କରି ବିଦ୍ୟାଳୟର ମଧ୍ୟାହ୍ନ ଭୋଜନରେ ନିୟୋଜିତ ପାଚକପାଚିକା ବିଭିନ୍ନ ଯୋଜନାରୁ ସୁଫଳ ପାଇବେ। ସରକାରୀ ଯୋଜନାଗୁଡ଼ିକୁ ଠିକ୍ ମାର୍ଗରେ ପରିଚାଳନା କରିବା ଓ ଯୋଗ୍ୟ ହିତାଧିକାରୀମାନଙ୍କ ନିକଟରେ ଯୋଜନାର ସୁଫଳ ପହଞ୍ଚାଇବାରେ ନେତାଜୀ ଶ୍ରମିକ ସଂଘ ଓ ମୋ ସେବାକେନ୍ଦ୍ର ସହାୟକ ହେବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ରସୁଲପୁର ବ୍ଲକ ବିଜେଡି ସଭାପତି ଅରୁଣ ରାଉତ, ୩୪ନଂ. ଜିଲାପରିଷଦ ସଦସ୍ୟ ରଶ୍ମୀରଞ୍ଜନ ନାୟକ, ବାରବାଟୀ ସରପଞ୍ଚ ସୁରଜିତ୍ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# କ୍ଷୟକ୍ଷତି ତାଲିକା ପ୍ରଦାନରେ ଦଲାଲି ଅଭିଯୋଗ

**ରଘୁନାଥପୁର,୧୩।୧୨(ଡି.ଏନ୍.ଏ.)**

ରଘୁନାଥପୁର ତହସିଲ କାର୍ଯ୍ୟାଳୟରେ ବାତ୍ୟା କ୍ଷୟକ୍ଷତିଜନିତ ଚାଷୀଙ୍କ ତାଲିକା ପ୍ରଦାନରେ ଦଲାଲି ହେଉଥିବା ନେଇ ସୋମବାର ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ତହସିଲଦାର ରୂପାଲିକା ଦାଶଙ୍କ ନିକଟରେ ଅଭିଯୋଗ କରାଯାଇଛି। ଏନେଇ ସଙ୍ଗଠନର ରାଜ୍ୟ ସହସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ ଓ କାର୍ଯ୍ୟକାରିଣୀ ସଭ୍ୟ ଦେବୀପ୍ରସାଦ ମହାରଣାଙ୍କ ନେତୃତ୍ୱରେ ଚାଷୀମାନେ ତହସିଲ କାର୍ଯ୍ୟାଳୟରେ ପୂର୍ବାହ୍ନରେ ପହଞ୍ଚିଥିଲେ। ମାତ୍ର ତହସିଲଦାର ନ ଥିବାରୁ ଚାଷୀମାନେ ତାଙ୍କୁ ଅପେକ୍ଷା କରି ରହିଥିଲେ। ତହସିଲଦାର ଦାଶ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତଗୁଡିକରେ ବିଭିନ୍ନ ପ୍ରକାର ଫର୍ମ ବ୍ୟବହାର କରାଯାଇ ଦଲାଲଙ୍କ ଜରିୟାରେ କ୍ଷତିଗ୍ରସ୍ତ ଚାଷୀଙ୍କ ଠାରୁ ଲାଞ୍ଚ ନିଆଯାଉଥିବା ଶୁଣି ସେ ବିରକ୍ତ ହୋଇଥିଲେ। କ୍ଷତିଗ୍ରସ୍ତ ଚାଷୀ ନିଜର ଜମି ପଟା, ଆଧାର କାର୍ଡ ଓ ବ୍ୟାଙ୍କ ପାସ୍‌ବୁକର ଜେରକ୍ସ କେବଳ ପଞ୍ଚାୟତସ୍ତରୀୟ କୃଷି ଅଧିକାରୀଙ୍କୁ ଦେବା ପାଇଁ ସେ ତହସିଲଦାର ଦାସ କହିଥିଲେ। ଏଥିପାଇଁ କୌଣସି ଦେୟ କିମ୍ବା ଫର୍ମ ଦରକାର ନାହିଁ ବୋଲି ସେ କହିଥିଲେ। ଏଥିପାଇଁ ଅଧିକାରୀମାନେ ପଞ୍ଚାୟତକୁ ଯାଇ ଚାଷୀଙ୍କ ସହ ଯୋଗାଯୋଗ ରଖିବେ ବୋଲି ତହସିଲଦାର ଦାଶ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ସହକାରୀ କୃଷି ଅଧିକାରୀ ରାଜଲକ୍ଷ୍ମୀ ସାହୁଙ୍କ ସହ ଆର୍‌ଆଇମାନେ ଉପସ୍ଥିତ ଥିଲେ।

# ବିବାହ ଶୋଭାଯାତ୍ରାରେ କୋଭିଡ୍ ନିୟମ ଉଲ୍ଲଂଘନ

**ଜଗତସିଂହପୁର ଅଫିସ, ୧୩।୧୨**

କରୋନା ସଂକ୍ରମଣର ୩ୟ ଲହର ଆଶଙ୍କାରେ ସରକାର ୩୦।୧୧।୨୧ରୁ ସହରାଞ୍ଚଳରେ ନାଇଟ୍ କର୍ଫ୍ୟୁ ଜାରି କରିଛନ୍ତି। ଏନେଇ ରାତି ୧୦ରୁ ସକାଳ ୫ଟା ପର୍ଯ୍ୟନ୍ତ କଟକଣା ବଳବତ୍ତର ରଖାଯାଇଛି। ସେହି ସମୟରେ କେବଳ ୫୦ ଜଣଙ୍କ ଉପସ୍ଥିତି ନେଇ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ରବିବାର ରାତିରେ ଜଗତ୍‌ସିଂହପୁର ସହରରେ ଏହି ନିୟମର ଉଲ୍ଲଂଘନ ହୋଇଥିଲା। ଏକ ବିବାହ ଶୋଭାଯାତ୍ରାବେଳେ ଉଚ୍ଚ ଶବ୍ଦରେ ଡିଜେ ବାଜିଥିଲା। ଶତାଧିକ ଲୋକ ବରଯାତ୍ରୀ ଦଳରେ ଯାଇ ୫୫ନଂ. ଜାତୀୟ ରାଜପଥର କୋର୍ଟ ଛକ ନିକଟରେ ବାଣ ଫୁଟାଇଥିଲେ। ଏହାର ଶବ୍ଦରେ ସାଧାରଣ ଲୋକ ଅତିଷ୍ଠ ହୋଇଯାଇଥିଲେ। ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ବରଯାତ୍ରୀ ଦଳ ସାମାଜିକ ଦୂରତା ରକ୍ଷା କରି ନ ଥିଲେ। କୌଣସି ସୂତ୍ରରୁ ଖବରପାଇ ଜଗତ୍‌ସିଂହପୁର ଆଇଆଇସି ପ୍ରଭାସ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ୨ଟି ଚାରି ଚକିଆ ଗାଡି ସହ ଏକ ଟ୍ରଲି ରିକ୍ସା ଓ ଡିଜେ ସେଟ୍ ଜବତ କରିଛି। ଏଥିସହ ମଣ୍ଡପ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଛି ବୋଲି ଆଇଆଇସି ସାହୁ ପ୍ରକାଶ କରିଛନ୍ତି।




ଜବତ ହୋଇଥିବା ଡିଜେ ସେଟ୍ ଓ ଗାଡ଼ି।

**ଡିଜେସେଟ୍, ଗାଡ଼ି ଜବତ**

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୪ ଡିସେମ୍ବର, ୨୦୨୧



## ଆଜି କଂଗ୍ରେସର ଏସ୍‌ପି ଅଫିସ ଘେରାଉ

ନୟାଗଡ଼ ଅଫିସ : ମମିତା ମେହେର ହତ୍ୟାକାଣ୍ଡ ନେଇ କଂଗ୍ରେସର ବିଧାନସଭା ଘେରାଉ ବେଳେ ପୋଲିସର ମାରପିଟ୍ ବିରୋଧରେ ମଙ୍ଗଳବାର ନୟାଗଡ଼ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା କଂଗ୍ରେସ ପକ୍ଷରୁ ଘେରାଉ କରାଯିବ। ପୋଲିସ କମିଶନରଙ୍କୁ ନିଲମ୍ବନ ଓ କଂଗ୍ରେସ କର୍ମୀଙ୍କୁ ମାଡ଼ ଘଟଣାର ନିରପେକ୍ଷ ତଦନ୍ତ ଦାବିରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ଧାରଣା ଜାରି ରହିବ। ଏଭଳିସ୍ଥଳେ ପୋଲିସ ଟ୍ରେନିଂ ସ୍କୁଲରେ ସ୍ମାର୍ଟ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କାର୍ଯ୍ୟକ୍ରମ ରହିଛି। ସରକାରଙ୍କ ଉପରେ କଂଗ୍ରେସ କର୍ମୀ, ସମର୍ଥକ ଖପ୍ପା ଅଛନ୍ତି। ଏଣୁ କଂଗ୍ରେସର କାର୍ଯ୍ୟକ୍ରମକୁ ଅନୁମତି ଦେଇଥିବା ପୋଲିସ ପ୍ରଶାସନ କ'ଣ ପଦକ୍ଷେପ ନେଉଛି ତାହା ଦେଖିବାକୁ ରହିଲା।

## ସଂକ୍ଷେପରେ

### ସିଡିଏସ୍‌ଙ୍କ ବିୟୋଗରେ ମହମବତି ଶୋଭାଯାତ୍ରା



ଖଣ୍ଡପଡ଼ା, ୧୩।୧୨(ସ୍ୱ.ପ୍ର.): ତାମିଲନାଡୁର କୁନୁର ନିକଟରେ ହେଲିକପ୍ଟର ଦୁର୍ଘଟଣାରେ ପ୍ରତିରକ୍ଷା ବାହିନୀ ମୁଖ୍ୟ ବିପିନ ରାୱତଙ୍କ ସମେତ ସେନା ଅଧିକାରୀମାନେ ଶହୀଦ ହୋଇଛନ୍ତି। ଶହୀଦମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଖଣ୍ଡପଡା ଯୁବକ ସଂଘର ସଦସ୍ୟମାନେ ସନ୍ଧ୍ୟାରେ ଏକ ମହମବତି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଏହି ଅବସରରେ ଶହୀଦମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

### ଶିବମନ୍ଦିରର ନିର୍ମାଣ ପାଇଁ ଭୂମିପୂଜା



ଦଶପଲ୍ଲା, ୧୩।୧୨( ଡି.ଏନ.ଏ.): ଦଶପଲ୍ଲା ଦୁର୍ଗାବଜାର କଲୋନୀ ପରିସରରେ ଶିବ ମନ୍ଦିର ନିର୍ମାଣ ଲାଗି ଭୂମି ପୂଜା ସୋମବାର ହୋଇଯାଇଛି। ଏଥିରେ ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଏଥି ନିମନ୍ତେ ଉକ୍ତ ସ୍ଥାନରେ ପୂଜା, ହୋମ ଅନୁଷ୍ଠିତ ହୋଇଥିଲା। ହୋମରେ ପ୍ରସନ୍ନ କୁମାର ପଣ୍ଡା ତାରାକାନ୍ତ ସାହୁ ଜୟ ସେନ ବେହେରା ପ୍ରମୁଖ ବସିଥିଲେ। ଏଥିରେ ଦୁର୍ଗାବଜାର ବଣିକ ସଂଘ ସଭାପତି ଉମାକାନ୍ତ ସାହୁ, କଲୋନୀ ବିକାଶ ପରିଷଦ କର୍ମକର୍ତ୍ତା ସମେତ ଦୁର୍ଗା ବଜାର କଲୋନୀର ବାସୀନ୍ଦା ଯୋଗ ଦେଇଥିଲେ।

### ସୂର୍ଯ୍ୟଘଡ଼ି ପୁନରୁଦ୍ଧାର ପାଇଁ ଦାବିପତ୍ର ପ୍ରଦାନ



ଖଣ୍ଡପଡ଼ା, ୧୩।୧୨(ସ୍ୱ.ପ୍ର): ଖଣ୍ଡପଡ଼ା ସହରର ତହସିଲ କାର୍ଯ୍ୟାଳୟ ନିକଟରେ ସ୍ଥାପିତ ସୂର୍ଯ୍ୟଘଡିଟିର ପୁନରୁଦ୍ଧାର ନିମନ୍ତେ ଖଣ୍ଡପଡା ଯୁବକ ସଂଘର ସଦସ୍ୟମାନେ ସୋମବାର ଦାବିପତ୍ର ତହସିଲ କାର୍ଯ୍ୟାଳୟରେ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ବିଶ୍ୱ ବିଖ୍ୟାତ ଜ୍ୟୋର୍ତିବିଦ୍ ପଠାଣି ସାମନ୍ତଙ୍କ କୃତୀ ଓ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ଏହି ସୂର୍ଯ୍ୟଘଡିଟି ୧୫୦ବର୍ଷ ତଳେ ସ୍ଥାପନ କରାଯାଇଥିବା ଖଣ୍ଡପଡା ଇତିହାସରୁ ଜଣାଯାଏ। ଠିକ୍ ସମୟ ନିରୂପଣ କରି ପାରୁଥିବା ଏହି ପ୍ରାଚୀନ କୀର୍ତ୍ତିରାଜି ଏବେ ଅବହେଳିତ ଅବସ୍ଥାରେ ପଡି ରହିଛି। ବାରମ୍ବାର ଦାବି ସତ୍ତ୍ୱେ ମଧ ଏଥିପ୍ରତି ପ୍ରଶାସନିକ ଅଧିକାରୀ ନତୁବା ଲୋକ ପ୍ରତିନିଧିମାନେ କେହି ହେଲେ ଧ୍ୟାନ ଦେଉ ନ ଥିବାରୁ ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିଲା। ନୟାଗଡ଼ ଜିଲାପାଳ ଓ ଜିଲା ପର୍ଯ୍ୟଟନ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

### ଚୋରି କରି ଜେଲ ଗଲେ ଦୁଇ ଯୁବକ

ନୂଆଗାଁ, ୧୩।୧୨ (ଡି.ଏନ.ଏ.): ନୂଆଗାଁ ଥାନା ଅଭୟପୁର ଗ୍ରାମରୁ ଛେଳି ଚୋରି କରି ସୋମବାର ଦୁଇ ଅଭିଯୁକ୍ତ ଜେଲ ଯାଇଛନ୍ତି। ଦୁଇ ଅଭିଯୁକ୍ତ ହେଲେ ପୂର୍ଣ୍ଣଚନ୍ଦ୍ର ବରାଡ ଓ ସନ୍ତୋଷ କୁମାର ସେଠୀ। ମାଇଛେଳି ଗ୍ରାମର ତପନ ବେହେରାଙ୍କୁ ଗୁହାଳରୁ ବାରମ୍ବାର ଛେଳି ଚୋରି ହେବାରୁ ସେ ଚୋରକୁ ଧରିବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ଚୋରି ହେଉଥିବା ସମୟକୁ ଅନୁଧ୍ୟାନ କରି ସେହି ସମୟରେ ସେ ନିଜ ଗୁହାଳ ନିକଟରେ ଲୁଚି ରହିଥିଲେ। ପ୍ରତିଥରର ପରି ରବିବାର ରାତିରେ ଛେଳି ଚୋରି କରିବାକୁ ପୂର୍ଣ୍ଣଚନ୍ଦ୍ର ଓ ସନ୍ତୋଷ ବାଇକ୍ ଯୋଗେ ଆସିବାରେ ତପନ ସେମାନଙ୍କୁ କାବୁ କରି ନେଇଥିଲେ। ଏ ନେଇ ଥାନାରେ ଜଣାଇବାରେ ପୋଲିସ ପହଞ୍ଚି ଅଭିଯୁକ୍ତ ଦ୍ୱୟଙ୍କୁ ନେବା ସହ ବାଇକ ଜବତ କରିଥିଲା। ଦୁଇ ଅଭିଯୁକ୍ତଙ୍କୁ ପଚରାଉଚରା କରିବାରେ ସେମାନେ ଛେଳି ଚୋରି କରିଥିବା ସ୍ୱୀକାର କରିଥିଲେ। ତପନଙ୍କ ଅଭିଯୋଗକୁ ଭିତ୍ତିକରି ନଂ.୧୬୦/୨୧ରେ ମାମଲା ରୁଜୁ ହୋଇଛି। କୋର୍ଟରେ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲକୁ ପଠାଇ ଦିଆ ଯାଇଥିବା ଆଇଆଇସି ବସନ୍ତ କୁମାର ସାହୁ କହିଛନ୍ତି।

# ଫଲ୍‌ସ ବିଲ୍ କରି ୨୪ ଲକ୍ଷ ହଡ଼ପ

- ଚୁଆ, ରାସ୍ତା ନାଁରେ ଦୁର୍ନୀତି ନେଇ ବିଡିଓଙ୍କୁ ଫେରାଦ
- ୭ ଦିନ କଣ୍ଟ ପୂରିଲେ ଭାପୁର ବ୍ଲକ ଘେରାଉ



ଖଇରଗାଡ଼ିଆଠାରୁ ମନ୍ଦାରବେରଣୀ ରାସ୍ତା ନ ହୋଇ ବିଲ୍।



ଖଇରଗାଡ଼ିଆ ଗ୍ରାମବାସୀ ବିଡିଓଙ୍କୁ ଫଲ୍‌ସ ବିଲ୍ ନେଇ ଅଭିଯୋଗ କରିବାକୁ ଆସିଛନ୍ତି।

ନୟାଗଡ଼ ଅଫିସ, ୧୩।୧୨

ନୟାଗଡ଼ ଜିଲା ଭାପୁର ବ୍ଲକ ଭାପୁର ପଞ୍ଚାୟତ ଖଇରଗାଡିଆ ଗାଁରେ ଦୁଇଟି ଚୁଆ ଓ ଗୋଟିଏ ରାସ୍ତା କାର୍ଯ୍ୟ କରା ନ ଯାଇ ୨୪ ଲକ୍ଷ ଟଙ୍କା ଫଲସ୍ ବିଲ୍ କରି ଟଙ୍କାକୁ ହଡପ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ସ୍ଥାନୀୟ ଖଇରଗାଡିଆ ବାସିନ୍ଦା ଭାପୁର ବିଡିଓଙ୍କୁ ଭେଟି ସୋମବାର ଫେରାଦ ହୋଇଛନ୍ତି। ଚୁଆ ଓ ରାସ୍ତା ଅନିୟମିତତା ଘଟଣାର ୭ଦିନ ଭିତରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଗ୍ରାମବାସୀ ଭାପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

ଖଇରଗାଡିଆ ଗାଁ ଲୋକଙ୍କ ଅଭିଯୋଗ ଅନୁସାରେ, ୨୦୨୦-୨୧ ଆର୍ଥିକ ବର୍ଷରେ ପାଣିଚୁଆର କାର୍ଯ୍ୟାଦେଶ ୮ ଲକ୍ଷରେ ଦିଆଯାଇଛି। ସେହିପରି ନିମ ଚୁଆ ପୋଖରୀର କାର୍ଯ୍ୟାଦେଶ ୮ ଲକ୍ଷ ଓ ଖଇରଗାଡିଆଠାରୁ ମନ୍ଦାର ବେରଣୀ ରାସ୍ତା ଅଧ କିମି ପାଇଁ ଅନୁରୂପ ଭାବେ ୮ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଛି। ଏହାର କାମ ନ ହୋଇ ୩ଟି ଯାକ ପ୍ରକଳ୍ପ ପାଇଁ ୨୪ ଲକ୍ଷ ଟଙ୍କା ଫଲସ୍ ବିଲ୍ ହୋଇଛି। ଗାଁଲୋକ ଫଲସ୍ ବିଲ୍ ସମ୍ପର୍କରେ ଜାଣିବା ପରେ ପ୍ରତିବାଦ କରିଛନ୍ତି। ଏ ନେଇ ବସନ୍ତ ପ୍ରଧାନ, ଲଳିତ ପଟ୍ଟନାୟକ କୁହନ୍ତି, ଗାଁକୁ ସରକାରୀ ଓ ବେସରକାରୀ ସ୍ତରରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ଆସିଲେ ଗ୍ରାମବାସୀଙ୍କ ଦ୍ୱାରା ଗଠିତ ଗ୍ରାମ୍ୟ କମିଟି କାମ କରିଥାଏ। କାମ ଭଲ ହୁଏ। ହେଲେ ପାଣିଚୁଆ, ନିମ ଚୁଆ ପୋଖରୀ ଓ ରାସ୍ତା ନିର୍ମାଣ ନେଇ ଗ୍ରାମ୍ୟ କମିଟି ଅଥବା ଗ୍ରାମବାସୀ ନ ଜାଣିବା ଆଶ୍ଚର୍ଯ୍ୟ ଲାଗୁଛି। ଯାହାକି ଗାଁଲୋକଙ୍କ ସ୍ୱାଭିମାନ ଉପରେ ଆଞ୍ଚ ଆଣୁଛି।

ଫଲ୍‌ସ୍ ବିଲ୍ ଘଟଣାର ତଦନ୍ତ ନ ହେଲେ ଆନ୍ଦୋଳନ ହେବ ବୋଲି କହିଛନ୍ତି। ଗୋପୀନାଥ ଆଚାର୍ଯ୍ୟ କୁହନ୍ତି, ଗାଁ ରାସ୍ତା ପାଦ ଚଲା ହୋଇରହିଛି। ରାସ୍ତାରେ ମାଟି ଝୁଡିଏ ପଡି ନାହିଁ। ଦୁଇଟି ଯାକ ଚୁଆ ପରିତ୍ୟକ୍ତ ହୋଇ ରହିଛି। କିନ୍ତୁ କାଗଜପତ୍ର ଦେଖିଲେ ବିକାଶ ଚାଲିଛି। ଏ ସମ୍ପର୍କରେ ବିଡିଓ ଜନ୍ମେଜୟ ସାହୁଙ୍କୁ ପଚାରିବାରେ ଗାଁ ଲୋକ କରିଥିବା ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ୫-ଟି ସଚିବଙ୍କ ମନ ଜିଣି ଛାତ୍ର ପାଇଲେ ଦି ଟଲ୍ ମ୍ୟାନ ପୁସ୍ତକ



ଜିଲାପାଳ ଶୁଭ୍ର ଶାଶ୍ୱତ ମାଝିଙ୍କୁ ଦି ଟଲ୍ ମ୍ୟାନ ପୁସ୍ତକ ପ୍ରଦାନ କରୁଛନ୍ତି।

ନୟାଗଡ଼ ଅଫିସ, ୧୩।୧୨

ବିଦ୍ୟାଳୟ ରୂପାନ୍ତରିତ କାର୍ଯ୍ୟକ୍ରମର ଇଣ୍ଟରଆକ୍ସନରେ ନୟାଗଡ଼ ଜିଲା ରଣପୁର ବ୍ଲକ ଗୋପାଳପୁର ହାଇସ୍କୁଲର ନବମ ଶ୍ରେଣୀ ଛାତ୍ର ଶୁଭ୍ର ଶାସ୍ୱତ ମାଝି ୫-ଟି ସଚିବଙ୍କ ପ୍ରଶ୍ନର ଉତ୍ତର ଦେଇ ଦି ଟଲ ମ୍ୟାନ ପୁସ୍ତକ ପାଇଛନ୍ତି। ରବିବାର ୫ଟି ସଚିବ ପାଣ୍ଡିଆନ ଭିଡିଓ କନଫେରେନ୍ସରେ ନୟାଗଡ଼ ଜିଲାର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର, ସରପଞ୍ଚ, ପ୍ରଧାନ ଶିକ୍ଷକ, ଜିଲାପାଳ ପୋମା ଟୁଡୁ, ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟଙ୍କ ସହ ଇଣ୍ଟରଆକ୍ସନ କରୁଥିଲେ। ଇଣ୍ଟରଆକ୍ସନ ସମୟରେ ୫ଟି ସଚିବ ଛାତ୍ରୀଛାତ୍ରଙ୍କୁ ପଚାରିଥିଲେ ପାଠ ପଢ଼ି ସାରିବା ପରେ କ'ଣ ହେବ। ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ନିଜର ଲକ୍ଷ୍ୟ ରଖିଥିବାବେଳେ ଗୋପାଳପୁର ହାଇସ୍କୁଲର ନବମ ଶ୍ରେଣୀ ଛାତ୍ର ଶୁଭ୍ର ଶାସ୍ୱତ ପାଇଲଟ ହେବେ ବୋଲି କହିଥିଲେ। ଛାତ୍ରଙ୍କଠାରୁ ଉତ୍ତର ପାଇ ସଚିବ ପୁଣି ପ୍ରଶ୍ନ କରିଥିଲେ ରାଜ୍ୟର ଶ୍ରେଷ୍ଠ ପାଇଲଟଙ୍କ ନାଁ କ'ଣ। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ନାଁ କହି ତାଙ୍କ ପରି ଜଣେ ପାଇଲଟ ହେବାକୁ ଇଚ୍ଛା ରଖିଛନ୍ତି ବୋଲି ଛାତ୍ର କହିଥିଲେ। ଛାତ୍ରଙ୍କ ଉତ୍ତରରେ ସନ୍ତୁଷ୍ଟ ହୋଇ ସଚିବ ଏକ ପୁସ୍ତକ ପଠାଇବେ କହିଥିଲେ। ପୁସ୍ତକଟି ପଢ଼ିଲେ ବିଜୁ ପଟ୍ଟନାୟକଙ୍କ ପରି ପାଇଲଟ୍ ହେବାକୁ ସାହାର୍ଯ୍ୟ କରିବ ବୋଲି ସେ କହିଥିଲେ। ପରେ ସୋମବାର ଦି ଟଲ ମ୍ୟାନ ପୁସ୍ତକ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଛାତ୍ରଙ୍କ ଉଦ୍ଦେଶ୍ୟରେ ନୟାଗଡ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲା। ଜିଲାପାଳ ଟୁଡୁ ଉକ୍ତ ପୁସ୍ତକ ସୋମବାର ଶୁଭ୍ର ଶାସ୍ୱତଙ୍କୁ ପ୍ରଦାନ କରିଛନ୍ତି। ପୁସ୍ତକ ପ୍ରଦାନ ସମୟରେ ଗୋପାଳପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ଗଦାଧର ବେହେରା ଉପସ୍ଥିତ ଥିଲେ।

## ଆଜି ନୟାଗଡ଼ରେ ବଣ୍ଟାହେବ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ

ନୟାଗଡ଼ ଅଫିସ, ୧୩।୧୨

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୟାଗଡ଼ ଜିଲାରେ ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୧ଟାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନର ଶୁଭାରମ୍ଭ ଭର୍ଚୁଆଲ୍ ମୋଡରେ କରିବେ। ଏ ଅବସରରେ ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲ ପରିସରରେ ହେବାକୁ ଥିବା କାର୍ଯ୍ୟକ୍ରମରେ କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ, ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପୋଲିସ ଟ୍ରେନିଂ ସ୍କୁଲ ପରିସରରେ ୨୫୦ ହିତାଧିକାରୀ ବସିବାର ବ୍ୟବସ୍ଥା ହୋଇଛି। ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ନୟାଗଡ ଜିଲାରେ ୯୦ କୋଟି ଟଙ୍କାର ବ୍ୟୟରେ ୧୫୧ ପ୍ରକଳ୍ପର ଉଦ୍‌ଘାଟନ କରିବେ। ସେହିପରି ୯୧୦ କୋଟି ଟଙ୍କା ବ୍ୟୟରେ ୧୧୦ ପ୍ରକଳ୍ପର ଶିଳାନ୍ୟାସ କରିବାର ରହିଛି। ଜିଲାର ୨ ଲକ୍ଷ ୨୩ ହଜାର ୬୦ ପରିବାରର ୭,୭୦,୭୬୬ ପରିବାର ବିଜୁ ସ୍ୱାସ୍ଥ୍ୟ କାର୍ଡ ମାଧ୍ୟମରେ ଉପକୃତ ହେବାର ରହିଛି। ଭର୍ଚୁଆଲ ମୋଡରେ ମୁଖ୍ୟମନ୍ତ୍ରୀ ଜିଲାରେ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନର ଶୁଭାରମ୍ଭ କରିବା ପରେ ୧୦ ବ୍ଲକ ଓ ୫ ସହରାଞ୍ଚଳରେ ବଣ୍ଟନ କରାଯିବ। ଏ ନେଇ ଜିଲାପାଳ ପୋମା ଟୁଡୁ ଭର୍ଚୁଆଲ୍ ମୋଡରେ ସୋମବାର ବିଭାଗୀୟ ଅଧିକାରୀଙ୍କ ସହ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନକୁ ସୂଚାରୁ ରୂପେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ଜିଲାପାଳ ଓ ପିଡି ଡିଆରଡିଏ ପୋଲିସ ଟ୍ରେନିଂ ସ୍କୁଲକୁ ଯାଇ ସୋମବାର ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନର ସମୀକ୍ଷା କରିଛନ୍ତି। ଏ ନେଇ ଜିଲାପାଳ କହିଛନ୍ତି ମୁଖ୍ୟମନ୍ତ୍ରୀଙ୍କ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନର ସିଧା ପ୍ରସାରଣ ବ୍ଲକ ସ୍ତରରେ ଦେଖିବାର ବ୍ୟବସ୍ଥା ହୋଇଛି। ଜିଲାସ୍ତରରେ କାର୍ଡ ବଣ୍ଟନ ପରେ ବ୍ଲକ ସ୍ତରରେ କରାଯିବ। ପରେ ପଞ୍ଚାୟତରେ କାର୍ଡ ବଣ୍ଟା ଯିବ। ଭିନ୍ନକ୍ଷମ ଓ ବୃଦ୍ଧଙ୍କୁ ଘରେ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ଯୋଗାଇ ଦିଆଯିବ।

## ପୁଷ୍ଟି ଯୋଗାଉଛି ମୋ ଉପକାରୀ ବଗିଚା

ଗଣିଆ, ୧୩।୧୨ (ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ଜୀବିକା ମିଶନ ଏବଂ ଅଜିମ ପ୍ରେମଜୀ ଫାଉଣ୍ଡେଶନର ମିଳିତ ସହଯୋଗରେ ଗଣିଆ ବ୍ଲକ କିଶୋରପ୍ରସାଦ ପଞ୍ଚାୟତ ପୂର୍ଣ୍ଣଚନ୍ଦ୍ରପୁରଠାରେ ପୁଷ୍ଟି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ପୁଷ୍ଟିକର ଖାଦ୍ୟର ପ୍ରଚାର ଓ ପ୍ରସାର ନିମନ୍ତେ ଜୀବିକା ମିଶନ ପକ୍ଷରୁ ବ୍ଲକର ବିଭିନ୍ନ ସ୍ଥାନରେ ସପ୍ତାହ ବ୍ୟାପୀ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୀବିକା ମିଶନ ପକ୍ଷରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ନିଜ ବାଡିରେ କରାଯାଇଥିବା ମୋ ଉପକାରୀ ବଗିଚା ଗର୍ଭବତୀ ମହିଳା, କିଶୋରୀ ବାଳିକା ଓ ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଦେଇପାରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ତେବେ ଗ୍ରାମୀଣ ଓଡ଼ିଶାରେ ପ୍ରତି ପରିବାରରେ ପୁଷ୍ଟି ସମ୍ପର୍କରେ ଏହି ମହୋତ୍ସବ ସଚେତନତା ସୃଷ୍ଟି କରିପାରିବ। ଅନ୍ୟପକ୍ଷେ ଅଞ୍ଚଳରେ ପୁଷ୍ଟିହୀନତା, ରକ୍ତହୀନତା ଓ ବାଲ୍ୟ ବିବାହକୁ କିଭଳି ରୋକାଯାଇ ପାରିବ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ କିଶୋରପ୍ରସାଦ ପଞ୍ଚାୟତ ସରପଞ୍ଚ ପ୍ରଫୁଲ୍ଲ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ସିଡିପିଓ ସୌଦାମିନୀ ପଣ୍ଡା, ଭିଏଲଏଲ ସୁନୀତା ମହାରଣା, ଏମ୍‌ବିକେ ଅନୀତା ରାଉତ, ରଞ୍ଜିତା ବେହେରାଙ୍କ ସମେତ ପୂର୍ଣ୍ଣଚନ୍ଦ୍ରପୁର ଆଞ୍ଚଳିକ ମଞ୍ଚର ମହିଳା, କିଶୋରୀ ବାଳିକା, ଅଙ୍ଗନବାଡି ଓ ଆଶା କର୍ମୀ ଯୋଗ ଦେଇଥିଲେ।

## ଭାରତୀୟ କଳା, ସଂସ୍କୃତି ପ୍ରସାର ଅଭିଯାନ

ଖଣ୍ଡପଡା, ୧୩।୧୨ (ସ୍ୱ.ପ୍ର)

ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, ପୁରୀ ଜିଲା ବଳିଆପଣ୍ଡାସ୍ଥିତ ସାଂସ୍କୃତିକ ଅନୁଷ୍ଠାନ ଦୟା ଜ୍ୟୋତି ମିଳିତ ଆନୁକୂଲ୍ୟରେ ଭାରତୀୟ କଳା ଓ ସଂସ୍କୃତିର ଅଭିବୃଦ୍ଧି ତଥା ପ୍ରସାର ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନରେ କାର୍ଯ୍ୟକ୍ରମମାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଖଣ୍ଡପଡା ବ୍ଲକ ଅନ୍ତର୍ଗତ କର୍ଣ୍ଣିଲୋ ନୀଳମାଧବ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଉକ୍ତ ଅନୁଷ୍ଠାନ ପକ୍ଷରୁ ସୋମବାର ପ୍ରବୀଣ କଳାକାରମାନଙ୍କ ଦ୍ୱାରା ପାରମ୍ପରିକ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମକୁ ଅଧକ୍ଷ ଶରତ କୁମାର ସାହୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ର କଳା ଓ ସଂସ୍କୃତି ମାଧ୍ୟମରେ ନିଜକୁ କିପରି ଦେଶର ପ୍ରତିପାଦିତ କରିପାରିବେ, ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ପାରଦର୍ଶିତା ଲାଭ କରିପାରିବେ ସେ ବିଷୟରେ ଆଲୋକପାତ କରିଥିଲେ। ଦୟା ଜ୍ୟୋତି ଅନୁଷ୍ଠାନର ନାଟ୍ୟଗୁରୁ ନାରାୟଣ ପାଣ୍ଡେଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନେ ଓଡିଶୀ ଓ ଲୋକନୃତ୍ୟ ପ୍ରଦର୍ଶିତ କରିଥିଲେ। ଏହାକୁ ଅଧ୍ୟାପକ ଦୀନବନ୍ଧୁ ନାୟକ, ରମେଶ ଚନ୍ଦ୍ର ସାହୁ ସଂଯୋଜନା କରିଥିବା ବେଳେ ଉପାଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ଦାଶ, ପ୍ରାଧ୍ୟାପକ ପବିତ୍ର କୁମାର ସୁବୁଦ୍ଧି, ସୁମନ୍ତ କୁମାର ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।




ଅତିଥିଙ୍କ ଗହଣରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀମାନେ।

## ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

ଓଡ଼ଗାଁ, ୧୩।୧୨(ସ୍ୱ.ପ୍ର.)



ରାଜ୍ୟ ପୂର୍ବତନ ସେନା ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

ହେଲିକପ୍ଟର ଦୁର୍ଘଟଣାରେ ଶହୀଦ ହୋଇଥିବା ସିଡିଏସ୍ ଜେନେରାଲ ବିପିନ ରାୱତ, ସମସ୍ତ ଅଫିସର ଓ ଓଡ଼ିଶା ମାଟିର ପୁଅ ଜୁନିୟର ୱାରେଣ୍ଟ ଅଫିସର ରାଣା ପ୍ରତାପ ଦାସଙ୍କୁ ରାଜ୍ୟ ଭୂତପୂର୍ବ ସୈନିକ ସଂଘ ଲିଗ ପକ୍ଷରୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ଏଥି ନିମନ୍ତେ ସୋମବାର ୧୨୦ ଇନଫେଣ୍ଟ୍ରି ବଟାଲିୟାନରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଜେନେରାଲ ରାୱତ, ସମସ୍ତ ଶହୀଦ ଅଫିସର ଓ ଯବାନଙ୍କ ଦେଶ ପାଇଁ ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ରାଜ୍ୟ ସଂଘ ସଭାପତି ବ୍ରିଗେଡିୟର ବରଦା ପ୍ରସନ୍ନ ପଟ୍ଟନାୟକ, ବରିଷ୍ଠ ଉପସଭାପତି କଲୋନେଲ ବିରେନ୍ଦ୍ର ବହିଆ ଗଭୀର ଶୋକ ପ୍ରକାଶ କରିବା ସହିତ ଶହୀଦ ଅଫିସର ଓ ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍‌ର ନୀରବ ପ୍ରାର୍ଥନା କରିଥିଲେ। ପରେ ସମବେତ ଅଧିକାରୀ ଓ ପୂର୍ବ ଯବାନମାନେ ଶହୀଦଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ଲିଗ ସାଧାରଣ ସମ୍ପାଦକ ଡ. କଲୋନେଲ ଲୋକନାଥ ସାହୁ, ଯୁଗ୍ମ ସମ୍ପାଦକ କୋଲୋନେଲ ପ୍ରଶାନ୍ତ କୁମାର ସିଂହ, ସୁବେଦାର ପି.କେ. ଦାଶ, ନୃସିଂହ ପଣ୍ଡାଙ୍କ ସମେତ ବହୁ ସେବା ନିବୃତ୍ତ ସେନା କର୍ମଚାରୀ ଓ ଅଧିକାରୀ ଉପସ୍ଥିତ ଥିଲେ।

## ଶିଶୁକୁ ଚାଇଲ୍ଡ ଲାଇନ ଉଦ୍ଧାର କରିବାରେ ବିଫଳ

### ମା' କୋଳରୁ ଶିଶୁପୁତ୍ର ଛଡ଼ାଇନେବା ଘଟଣା

ନୟାଗଡ଼ ଅଫିସ, ୧୩।୧୨

ନୟାଗଡ଼ ଜିଲା ଫତେଗଡ ଥାନା ଫତେଗଡ ଗାଁରେ ୮ମାସର ଶିଶୁପୁତ୍ରଙ୍କୁ ଛଡାଇ ନେଇ ମା'ଙ୍କୁ ଶ୍ୱଶୁର ଘରୁ ବିଦା କରିବା ଘଟଣାର ଅନୁଧ୍ୟାନ ମଙ୍ଗଳବାର ଚାଇଲ୍ଡ ଲାଇନ ଆସି କରିଛି। ପୋଷ୍ୟପୁତ୍ର ଦଲିଲ, ଦୁଇ ଦେଢ଼ଶୁରଙ୍କଠାରୁ ୬ ଲକ୍ଷ ନେବା, ଦଲିଲରେ ମା'ଙ୍କର ଦସ୍ତଖତ ଓ ଟିପ ଚିହ୍ନ ଥିବାରୁ ଚାଇଲ୍ଡ ଲାଇନ ଶିଶୁପୁତ୍ରକୁ ଉଦ୍ଧାର କରିବାରେ ବିଫଳ ହୋଇଛି। ଶେଷକୁ ନିଜର ଅସହାୟତା ପ୍ରକାଶ କରି ଚାଇଲ୍ଡ ଲାଇନ ଫେରିଥିବା ଜଣାପଡିଛି। ଏ ନେଇ ଶିଶୁପୁତ୍ରର ମା' କାଜଲ ପ୍ରଧାନ(୨୦) କୁହନ୍ତି, ଫତେଗଡ ଥାନାକୁ ୪ ଜଣ ଚାଇଲ୍ଡ ଲାଇନର ସଦସ୍ୟ ଆସି ମୋତେ ପଚରାଉଚୁରା କରିଥିଲେ। ମୋ ଛୁଆକୁ ଜୋର ଜବରଦସ୍ତ ଦୁଇ ଦେଢ଼ଶୁର ଛଡାଇ ନେଇଛନ୍ତି। ୬ ଲକ୍ଷ ଟଙ୍କା ଦେବା ଘଟଣାରେ କହିଛନ୍ତି, ଟଙ୍କା ନେବା ତାଙ୍କର ଦାବି ନ ଥିଲେ ମଧ ଜୋର ଜବରଦସ୍ତ ତାଙ୍କ ବାପା ମା'ଙ୍କୁ ଦେଇଛନ୍ତି। ଟଙ୍କା ନ ନେଲେ ପରିସ୍ଥିତି ଭୟାବହ ହେବ ବୋଲି ଧମକ ଦେଇଥିଲେ। ପୁଣି ଛୁଆର ଜୀବନ ପ୍ରତି ବିପଦ ରହିଥିବା କହିଥିଲେ। ସେହିପରି ଭୟ ଦେଖାଇ କୋର୍ଟ ପେପରରେ ଦସ୍ତଖତ କରାଇ ନେଇଛନ୍ତି। କିନ୍ତୁ କୋର୍ଟ ପେପରରେ ଟିପ ମୁଁ ଦେଇ ନ ଥିଲି। ଏବେ ଟିପ ଚିହ୍ନ ଦେଖାଉଛନ୍ତି। ଟିପ ଚିହ୍ନ ଜାଲିଆତି ହୋଇଥିବା ଅନୁଭବ କରୁଛି। ମୋ ଅଭିଯୋଗକୁ ଚାଇଲ୍ଡ ଲାଇନ ଶୁଣିଥିଲା, କିନ୍ତୁ ବିଚାର କରି ନ ଥିଲା। ମୋ ପୁଅକୁ ଉଦ୍ଧାର କରାଯାଇପାରିବ ନାହିଁ କହି ଚାଲି ଯାଇଥିଲେ। ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀ ଉପେନ୍ଦ୍ର ନାଥ ବଡଜେନା କୁହନ୍ତି, ଚାଇଲ୍ଡ ଲାଇନ କ'ଣ କରିଛି ଆମକୁ ଜଣାଇନାହିଁ। ମଙ୍ଗଳବାର ରିପୋର୍ଟ ଦେବ। କିନ୍ତୁ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଏହାର ସ୍ୱତନ୍ତ୍ର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ। ଅଭିଯୋଗ ଅନୁସାରେ, ୨୦୨୧ ଫେବୃୟାରୀ ୨୦ରେ କାଜଲଙ୍କ ସ୍ୱାମୀ କିଶୋରଙ୍କ ମୃତ୍ୟୁ ହୋଇଥିଲା। କିଶୋରଙ୍କ ମୃତ୍ୟୁ ପରେ ଦୁଇ ବଡଭାଇ ଫେବୃୟାରୀ ୨୧ରେ ୮ମାସର ଶିଶୁପୁତ୍ରକୁ ଭାଇ ବୋହୂଙ୍କଠାରୁ ରଖି ନିର୍ଯାତନା ଦେଇ ଘରୁ ବିଦା କରି ଦେଇଥିଲେ। ପୁଣି ଫେବୃୟାରୀ ୨୨ରେ ଗାଁରେ କଙ୍ଗାରୁ କୋର୍ଟ କରାଇ କାଜଲଙ୍କୁ ଜୀବନରେ ମାରି ଦେବାର ଧମକ ଦେଇଥିଲେ। ଏପରିକି କୋର୍ଟ ପେପରରେ ଜୋର ଜବରଦସ୍ତ ଦସ୍ତଖତ ନେଇ ଟଙ୍କା ଦେଇ ଶାଶୁ ଘରକୁ ଆଉ ଆସିପାରିବନି ବୋଲି କହି ବିଦା କରି ଦିଆଯାଇଥିଲା।

## ଅଙ୍ଗନୱାଡି କର୍ମୀଙ୍କ ବିରୋଧରେ ସିଡିପିଓଙ୍କୁ ଦାବିପତ୍ର

ଖଣ୍ଡପଡ଼ା, ୧୩।୧୨(ସ୍ୱ.ପ୍ର)

ଖଣ୍ଡପଡ଼ା ବ୍ଲକର ବନମାଳୀପୁର ପଞ୍ଚାୟତ ରାମଚନ୍ଦ୍ରପୁର ମିନି ଅଙ୍ଗନୱାଡି କେନ୍ଦ୍ରରେ କାର୍ଯ୍ୟରତ କର୍ମୀ ଲକ୍ଷ୍ମୀପ୍ରିୟା ଗୁରୁ କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରି ଆସୁଥିବା ନେଇ ସ୍ଥାନୀୟ ବାସିନ୍ଦା ତାଙ୍କ ବିରୋଧ ସିଡିପିଓଙ୍କ ପାଖରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ସମ୍ପୃକ୍ତ ଅଙ୍ଗନୱାଡି କର୍ମୀ ଗୁରୁ ଠିକ୍ ଭାବେ ଦାୟିତ୍ୱ ତୁଲାଉ ନ ଥିବା ଯୋଗୁ ଶିଶୁ ଓ ଗର୍ଭବତୀମାନଙ୍କୁ ପୁଷ୍ଟିକର ଖାଦ୍ୟ, ଶିଶୁ ଖାଦ୍ୟ ଓ ଡ୍ରେସ ବଣ୍ଟନରେ ଅନିୟମିତତା ଦେଖାଦେଇଛି। ଫଳରେ ରାମଚନ୍ଦ୍ରପୁର ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କୋଭିଡ କଟକଣା ଯୋଗୁ ଗତ ୧୮ ମାସ ଧରି ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ପିଲାଙ୍କ ପାଠପଢା ବନ୍ଦ ରହିଛି। ଏହର ସୁଯୋଗ ନେଇ ଅଙ୍ଗନୱାଡି କର୍ମୀ ଜଣଙ୍କ ଅନୁପସ୍ଥିତ ରହୁଥିବା ଅଭିଯୋଗ ହେଉଛି। ଏବେ ୨ମାସ ହେଲା କେନ୍ଦ୍ରକୁ ସେ ଆସୁ ନ ଥିବା ନେଇ ସ୍ଥାନୀୟ ବାସିନ୍ଦା ଖଣ୍ଡପଡ଼ା ବ୍ଲକ ମହିଳା ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସିଡିପିଓ ସତ୍ୟଭାମା ଦେବୀଙ୍କୁ ପଚାରିବାରେ ଅଭିଯୋଗ ହସ୍ତଗତ ହୋଇଛି। ସମ୍ପୃକ୍ତ କର୍ମୀଙ୍କ ବିରୋଧ ଅସିଥିବା ଅଭିଯୋଗର ତଦନ୍ତ କରିବା ନିମନ୍ତେ ସୁପରଭାଇଜରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

## କିରଣ ହେବେ ଶରଣକୁଳ ଏସ୍‌ଡିପିଓ

ନୟାଗଡ ଅଫିସ, ୧୩।୧୨

ଡିଆଇବି ଡିଏସ୍‌ପି କିରଣ ହେମ୍ବ୍ରମ ହେବେ ଶରଣକୁଳ ଏସ୍‌ଡିପିଓ। ଏ ନେଇ ନୟାଗଡ଼ ଏସ୍‌ପିଙ୍କ କାର୍ଯ୍ୟାଳୟରୁ ସୋମବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଠାରେ ଥିବା ଏସ୍‌ଡିପିଓ ଏସ୍. ଟପୋଙ୍କର କଳିଙ୍ଗନଗରକୁ ଅତିରିକ୍ତ ଏସ୍‌ପି ଭାବେ ବଦଳି ହୋଇଥିଲା। ଶରଣକୁଳକୁ ଦେବେନ୍ଦ୍ର ମଲ୍ଲିକ ଏସ୍‌ଡିପିଓ ଭାବେ କାର୍ଯ୍ୟରେ ଯୋଗଦେବାର ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ଏବେ ତାହା ବାତିଲ ହୋଇଛି। ଉଲ୍ଲେଖଥାଉ କି କିରଣ ଶରଣକୁଳ ଥାନାରେ ଆଇଆଇସି ଭାବେ କାର୍ଯ୍ୟ କରିଛନ୍ତି। ପରେ ତାଙ୍କର ବଦଳି ଦଶପଲ୍ଲା ଥାନାକୁ ହୋଇଥିଲା। ପରେ ପଦୋନ୍ନତି ପାଇ ଡିଆଇବି ଡିଏସ୍‌ପି ଭାବେ କାର୍ଯ୍ୟରତ ଅଛନ୍ତି।

## ଲକ୍ଷେଟଙ୍କାର ସୁନା ଅଳଙ୍କାର ଚୋରି

ନୟାଗଡ ଅଫିସ, ୧୩।୧୨

ଇଟାମାଟି ଥାନା କାଉତରା ଗାଁର ହରିହର ପ୍ରଧାନଙ୍କ ଘରୁ ରବିବାର ରାତିରେ ଚୋରି ହୋଇଛି। ଚୋରମାନେ ଏକ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରାଇ ନେଇଛନ୍ତି। ହରିହରଙ୍କ ଘରେ ତାଲା ଝୁଲିଥିବାବେଳେ ଏହି ଚୋରି ହୋଇଛି। ଏ ନେଇ ଅଭିଯୋଗ ପରେ ପୋଲିସ ନଂ. ୨୦୩/୨୧ରେ ମାମଲା ରୁଜୁ କରି ତଦନ୍ତ କରୁଛି।

## କ୍ରିକେଟ ଟୁର୍ନାମେଣ୍ଟ : କୁମାରବସ୍ତ ବିଜୟୀ

ନୟାଗଡ ଅଫିସ, ୧୩।୧୨

ନୟାଗଡ ଜିଲା ଭାପୁର ବ୍ଲକର ଫତେଗଡ ଯୁବକ ସଂଘ ପକ୍ଷରୁ ସ୍ଥାନୀୟ ଫତେଗଡ ନାଲିସାଗର ଖେଳପଡିଆରେ ରାଜ୍ୟସ୍ତରୀୟ ୧୨ତମ ସଦାଶିବ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଚାଲୁ ରହିଛି। ୨ୟ ଦିବସ ମ୍ୟାଚରେ ରାଇଜିଂ ଷ୍ଟାର କୁମାରବସ୍ତ ୧୦୨ ରନରେ ଷ୍ଟଡ ଜଟଣୀକୁ ପରାସ୍ତ କରି ବିଜୟୀ ହୋଇଛି। ଟସ୍ ଜିତି ରାଇଜିଂ ଷ୍ଟାର କୁମାରବସ୍ତ ଦଳ ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ ହରାଇ ୨୨୯ ରନ କରିଥିଲା। ଜବାବରେ ଷ୍ଟଡ ଜଟଣୀ ୧୯.୧ ଓଭରରେ ୧୦ ଉଇକେଟ ହରାଇ ୧୨୭ ରନ କରି ଅଲଆଉଟ୍ ହୋଇ ଯାଇଥିଲା। ବିଜୟୀ ଦଳ ପକ୍ଷରୁ ରାଇଜିଂ ଷ୍ଟାର କୁମାରବସ୍ତ ଦଳର ସନ୍ତୋଷ ଜେନା ୫୦ ରନ କରି ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ଖେଳ ପରିଚାଳନା ଦ୍ୱିଜେନ୍ଦ୍ର ଘୋଷ ଓ ଦୁର୍ଗାପ୍ରସାଦ ପଟ୍ଟନାୟକ କରିଥିଲେ। ମୁଖ୍ୟଅତିଥି ରୂପେ ପୂର୍ବତନ ସରପଞ୍ଚ ମାଟିଆ ସ୍ୱାଇଁ, ସମ୍ମାନିତ ଅତିଥି ପୂର୍ବତନ ସରପଞ୍ଚ ରବୀନ୍ଦ୍ର ନାଥ ସାହୁ, ସାମାଜିକ କର୍ମୀ ରବି ପଟ୍ଟନାୟକ ଓ ସନ୍ତୋଷ କୁମାର ଖଟେଇ ଯୋଗ ଦେଇଥିଲେ। ମଙ୍ଗଳବାର ଖେଳ ସତ୍ୟପୀର ସ୍ପୋର୍ଟିଂ କାଇପଦର, ମଞ୍ଜେଶ୍ୱର କ୍ରିକେଟ କ୍ଲବ ଭୁବନେଶ୍ୱର ମଧ୍ୟରେ ହେବ।